
ISSN 0973-3264

# ସପ୍ତର୍ଷି

ପ୍ରଥମ ଓ ଦ୍ୱିତୀୟ ସଂଖ୍ୟା - ୨୦୧୮

(ଜାନୁଆରୀ - ଜୁନ୍)



ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରକାଶନ

Scanned by CamScanner

# ସୂଚୀପତ୍ର


| କ୍ର.ସଂ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| | **ପ୍ରବନ୍ଧ ଓ ସମାଲୋଚନା ବିଭାଗ :-** | | |
| ୧- | ଶଶୀଭୂଷଣ ରାୟଙ୍କ 'ପିତୃସ୍ମୃତି' ଓ ଭଗବାନ ମେହେରଙ୍କ 'ପିତୃପ୍ରସଙ୍ଗ' : ଏକ ତୁଳନାତ୍ମକ ଅନୁଶୀଳନ | ଡ. ମଣୀନ୍ଦ୍ର କୁମାର ମେହେର | ୧ |
| ୨- | ବଙ୍ଗଳାର ବାଉଲ ଓ ବୈଷ୍ଣବ ସହଜିଆ ଗୋଷ୍ଠୀର ପ୍ରେମମାର୍ଗରେ ମହାସୁଖ ପ୍ରାପ୍ତି | ଡ. ମାଳବିକା ରାଉତ | ୭ |
| ୩- | ରହସ୍ୟବାଦୀ ଚେତନାର କବି ବୈକୁଣ୍ଠନାଥ | ଡ. ଶୁକମୁନି ମେହେର | ୧୧ |
| ୪- | ଉତ୍ତର ଓଡ଼ିଶାର ଲୋକ ସଂସ୍କୃତିରେ ସାନ୍ତାଳୀ ଲୋକ ସଂସ୍କୃତିର ପ୍ରଭାବ | ଡ. ନାକୁ ହାଁସଦାଃ | ୧୬ |
| ୫- | ଭକ୍ତିଚେତନାର ଅମୃତ ସ୍ୱର : କବି ଗଙ୍ଗାଧରଙ୍କ କାବ୍ୟସମ୍ଭାର | ନିହାରିକା ପଣ୍ଡା | ୨୧ |
| ୬- | ଆଦିବାସୀ ବନାମ ଇଂରେଜ ସରକାର : ଓଡ଼ିଆ ଓ ବଙ୍ଗଳା ଉପନ୍ୟାସ | ଆଶୁତୋଷ ରାଉତ | ୨୫ |
| ୭- | ପଶ୍ଚାତ୍ ପଟଦୃଶ୍ୟାନ୍ତର ବର୍ଣ୍ଣନା ଶୈଳୀ ପ୍ରେକ୍ଷାପଟରେ ମାୟାଧର ନାୟକଙ୍କ 'କାରାଗାରେ' | ରିଙ୍କି ପ୍ରଧାନ | ୩୩ |
| ୮- | ଶତ୍ରୁଘ୍ନ ପାଣ୍ଡବଙ୍କ ପୁରାଣକଳ୍ପ ଓ ଇତିହାସ ଚେତନା ଭିତ୍ତିକ କବିତା : ତୁଳନାତ୍ମକ ଅଧ୍ୟୟନ | ଦିଲ୍ଲୀପ କୁମାର ମଲ୍ଲିକ | ୩୭ |
| ୯- | ଓଡ଼ିଆ ପ୍ରବଚନର ସାମାଜିକ ମୂଲ୍ୟବୋଧ | ସତ୍ୟଜିତ ଦାସ | ୪୧ |
| ୧୦- | ଉର୍ଦ୍ଧ୍ୱଗ ଅନୁଭବ ଓ ତେଜୋଦୀପ୍ତ ଜୀବନବୋଧର ମାର୍ମିକ ଆଲେଖ୍ୟ : 'ବିପୁଳ ଦିଗନ୍ତ' | ଜଗନ୍ନାଥ ଦୀପ | ୪୫ |
| ୧୧- | ଓଡ଼ିଆ ଲୋକଗୀତରେ ଛନ୍ଦ ସୌନ୍ଦର୍ଯ୍ୟ | ଡକ୍ଟର ରାକେଶ କୁମାର ବିଶି | ୫୫ |
| | **ଗଳ୍ପ ବିଭାଗ :-** | | |
| ୧୨- | ନୂତନ ତୀର୍ଥକ୍ଷେତ୍ର | କବିତା ବାରିକ | ୬୪ |
| ୧୩- | ଗୋଟେ କଲମ ଓ ଭିନ୍ନ ଜଣେ ଜିଗୋଲୋର କଥା | ଡଃ ରାମେଶ୍ୱର ନାଏକ | ୬୮ |
| ୧୪- | ଅସତ୍ୟ ସହର | ରୋହିତ କୁମାର ଦାଶ | ୭୩ |
| | **କବିତା ବିଭାଗ :-** | | |
| ୧୫- | କବି ହଜିଛି | ଦିବ୍ୟ କିଶୋର ଦେବତା | ୭୯ |
| ୧୬- | ଯୁଦ୍ଧଯାତ୍ରାର ସମୟ | ସଞ୍ଜୟ କୁମାର ମିଶ୍ର | ୮୧ |
| ୧୭- | ଫୁଲ | ଦିବ୍ୟ ରଞ୍ଜନ ସାହୁ | ୮୨ |
| ୧୮- | ଅନୁପଗ୍ରହ | ଦୁର୍ଗାଶିଷ ପଟ୍ଟନାୟକ | ୮୨ |
| ୧୯- | ସମ୍ବଲପୁରୀ ଦୁର୍ଗାସ୍ତୋତ୍ର | ପ୍ରଦ୍ୟୁମ୍ନ ବିଶି | ୮୩ |


Scanned by CamScanner

# ରହସ୍ୟବାଦୀ ଚେତନାର୍ କବି ବୈକୁଣ୍ଠନାଥ

ଡ. ଶୁକମୁନି ମେହେର୍

ଆଧୁନିକ ଓଡ଼ିଆ କାବ୍ୟ ଜଗତର ଏକ ଅନନ୍ୟ ଓ ବଳିଷ୍ଠ ପ୍ରତିଭା ହେଉଛନ୍ତି କବି ବୈକୁଣ୍ଠନାଥ ପଟ୍ଟନାୟକ । ସବୁଜ ଯୁଗର କାବ୍ୟ ପ୍ରତିଭାମାନଙ୍କ ସହ କାବ୍ୟକବିତା ଲେଖିବା ପାଇଁ ବଜ୍ର ସଂକଳ୍ପ ନେଇଥିଲେ ବୈକୁଣ୍ଠନାଥ ଏବଂ ଆଜୀବନ ସାହିତ୍ୟ ସାଧନାରେ ବ୍ରତୀ ଥିଲେ ସେ । ଜୀବନର ଲକ୍ଷ୍ୟ ଥିଲା ସେ ଜଣେ ରାଜନୀତିଜ୍ଞ ହେବେ ନ ହେଲେ ସମାଜସେବୀ, ନ ହେଲେ ହେବେ ଜଣେ ବାଗ୍ମୀ, ଶିକ୍ଷାବିତ୍ । ଜୀବନରେ କେବେ ବି କବି ହେବାର ବାସନା ତାଙ୍କର ନଥିଲା, ମାତ୍ର ସେ ହେଲେ ସବୁଜ ଯୁଗର ଜଣେ ମହାନ୍ କାବ୍ୟସ୍ରଷ୍ଟା । ସବୁଜ ଯୁଗର କବିମାନଙ୍କ ମଧ୍ୟରେ ବୈକୁଣ୍ଠନାଥ ଥିଲେ ଅନ୍ୟତମ । ଅନ୍ୟମାନେ ଥିଲେ ଅନ୍ନଦା ଶଙ୍କର ରାୟ, କାଳିନ୍ଦୀ ଚରଣ ପାଣିଗ୍ରାହୀ, ଶରତ ଚନ୍ଦ୍ର ମୁଖାର୍ଜୀ ଓ ହରିହର ମହାପାତ୍ର । ଏମାନଙ୍କ ମିଳିତ ଉଦ୍ୟମରେ ସୃଷ୍ଟି ହୋଇଥିଲା 'ସବୁଜ ସାହିତ୍ୟ' ଏବଂ ମିଳିତ ସହଯୋଗରେ ପ୍ରକାଶ ପାଇଥିଲା ହାତଲେଖା ସାହିତ୍ୟ ପତ୍ରିକା 'ଅବକାଶ' ପରବର୍ତ୍ତୀ ସମୟରେ ତାହା ମୁଦ୍ରିତ ରୂପନେଲା 'ଯୁଗବାଣୀ' ଶୀର୍ଷକରେ । ଚାକିରି ଜୀବନରେ ସେ ଥିଲେ ଜଣେ ଆଦର୍ଶ ଶିକ୍ଷକ । ଶିକ୍ଷକତା କରୁଥିବାବେଳେ ସେ କେବେ ହେଁ ନିଜ କର୍ତ୍ତବ୍ୟରେ ଅବହେଳା କରୁନଥିଲେ କି ଟ୍ୟୁସନ୍ କରୁନଥିଲେ । ଶିକ୍ଷକଙ୍କ ଟ୍ୟୁସନ୍ କରିବା ପ୍ରଥାକୁ ସେ ପସନ୍ଦ କରୁନଥିଲେ । ଟ୍ୟୁସନ୍ ପ୍ରଥାର ସେ ଥିଲେ ଘୋର ବିରୋଧୀ । ସେଥିପାଇଁ ଶିକ୍ଷକ ସମାଜର ଘୋର ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା ତାଙ୍କୁ । ସେ ଥିଲେ ସ୍ୱାଧୀନ ଚିନ୍ତାଧାରାର ବ୍ୟକ୍ତି । ତେଣୁ ତାଙ୍କର ଚାକିରିଜୀବନ ଥିଲା ଝଡ଼ଝଞ୍ଜାରେ ପୂର୍ଣ୍ଣ । ସ୍ୱାଧୀନତା ପରେ ବଡ଼ ହାକିମଙ୍କ ଋଙ୍ଗ, ଢଙ୍ଗ ଓ ବ୍ୟବସ୍ଥାରେ ସେ ଅତିଷ୍ଠ ହୋଇ ପଡ଼ିଥିଲେ । ବ୍ୟବସ୍ଥା ସହ ସାଲିସ୍ କରି ନ ପାରିବାରୁ ଶେଷ ଜୀବନରେ ତାଙ୍କର ଆର୍ଥିକସ୍ଥିତି ହୋଇପଡ଼ିଥିଲା ଅତ୍ୟନ୍ତ ଶୋଚନୀୟ । ଅବସରକାଳୀନ ଭତ୍ତା ପାଇପାରିଲେ ନାହିଁ । ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଥିବାବେଳେ ତାଙ୍କର ଅନବଦ୍ୟକୃତି 'ଉତ୍ତରାୟଣ' ପାଇଁ ୧୯୬୬ରେ ସେ ପାଇଥିଲେ ମର୍ଯ୍ୟାଦାଜନକ କେନ୍ଦ୍ରସାହିତ୍ୟ ଏକାଡେମୀ ପୁରସ୍କାର ଏବଂ ସେତେବେଳେ ପୁରସ୍କାର ରାଶିବାବଦକୁ ତାଙ୍କୁ ମିଳିଥିଲା ପାଂଚ ହଜାର ଟଙ୍କା । ଆର୍ଥିକ ଅସୁବିଧା ସତ୍ତ୍ୱେ ସେ ପାଇଥିବା ପୁରସ୍କାର ରାଶି ୫୦୦୦/- ଟଙ୍କାକୁ ସମାଜ ଉଦ୍ଦେଶ୍ୟରେ ଉଦାର ପ୍ରାଣରେ ଦାନ କରି ଦେଇଥିଲେ ।

ବୈକୁଣ୍ଠନାଥ ଥିଲେ ସତ୍ୟବାଦୀ ବନବିଦ୍ୟାଳୟର ଛାତ୍ର । ସତ୍ୟବାଦୀ ବନବିଦ୍ୟାଳୟ ଥିଲା ଜୀବନ ଗଠନ ଓ ସାହିତ୍ୟସାଧନାର ପ୍ରେରଣାର ଭୂମି । ସତ୍ୟବାଦୀରେ ଅଧ୍ୟୟନ କାଳରେ ହରିହର ମହାପାତ୍ରଙ୍କ ସହ ବନ୍ଧୁତା ସ୍ଥାପନ ହୁଏ । ପରବର୍ତ୍ତୀ ସମୟରେ ପୁରୀ ଜିଲ୍ଲା ସ୍କୁଲରେ ଅଧ୍ୟୟନ କାଳରେ କବି ଅନ୍ନଦା ଶଙ୍କର ଓ କବି କାଳିନ୍ଦୀଚରଣଙ୍କ ସହ ପରିଚୟ ଓ ଘନିଷ୍ଠ ବନ୍ଧୁତ୍ୱରେ ଆବଦ୍ଧ ହୁଅନ୍ତି । ରେଭେନ୍‌ସା କଲେଜରେ ଅଧ୍ୟୟନ କାଳରେ ଜୀବନ ଓ ଜଗତର ମୂଲ୍ୟବୋଧକୁ ବୁଝିପାରନ୍ତି ବୈକୁଣ୍ଠନାଥ ବିଭିନ୍ନ ପୁସ୍ତକ ଅଧ୍ୟୟନ ପୂର୍ବକ । ବିଶ୍ୱର ମହାମନିଷୀମାନଙ୍କ ଜୀବନ ଓ କୃତି ତାଙ୍କୁ ଗଭୀର ଭାବରେ ପ୍ରଭାବିତ କରେ । କଲେଜରେ ଅଧ୍ୟୟନ କାଳରେ ସେ ରବୀନ୍ଦ୍ରନାଥ, ଶରତଚନ୍ଦ୍ର, ୱାଲ୍‌ଟ୍ ହୁଇଟ୍‌ମ୍ୟାନ୍, ୱାର୍ଡସ୍‌ୱାର୍ଥ୍, ପି. ବି. ଶେଲି, ବାଇରନ୍, ବ୍ରାଉନିଂଙ୍କୁ ପଢ଼ିବାର ସୁଯୋଗ ପାଇଥିଲେ । ପରବର୍ତ୍ତୀ କାଳରେ ସେ ବ୍ରିଟିଶ୍ କବି ପି. ବି. ଶେଲି ଓ ୱାର୍ଡସ୍‌ୱାର୍ଥ୍ ତଥା ଆୟାରଲ୍ୟାଣ୍ଡର ପ୍ରଖ୍ୟାତ କବି ନୋବେଲ ବିଜେତା ଡବ୍ଲ୍ୟୁ. ବି. ୟେଟ୍‌ସଙ୍କ କାବ୍ୟ ପ୍ରତିଭାରେ ମୁଗ୍ଧ ଓ ଚକିତ ହୋଇଥିଲା ତାଙ୍କର ପ୍ରାଣ । ଓଡ଼ିଶାର ସାରସ୍ୱତ ସ୍ରଷ୍ଟା ଭକ୍ତ ଚରଣ ଦାସ, ଭକ୍ତ କବି ଦୀନକୃଷ୍ଣ ଦାସ, କବି ଅଭିମନ୍ୟୁ ସାମନ୍ତସିଂହାର, ସନ୍ଥକବି ଭୀମଭୋଇ, ଭକ୍ତକବି ମଧୁସୂଦନ ରାଓଙ୍କ ସାହିତ୍ୟକୃତିରୁ କବି ବହୁ ଭାବରେ ଅନୁପ୍ରେରିତ ହୋଇଥିବା କଥା ତାଙ୍କ ଆତ୍ମଜୀବନୀରୁ ସୁସ୍ପଷ୍ଟ । ପୃଥିବୀ ବିଖ୍ୟାତ ଲେଖକ ଟଲ୍‌ଷ୍ଟୟଙ୍କ ଉପନ୍ୟାସ ଆନ୍ନା କାରେନିନା ଓ ଅନ୍ୟାନ୍ୟ କୃତି, ହଟ୍‌ସନ୍‌ଙ୍କ If Winter Comes, Maximum Gorkeyଙ୍କ The Mother, ଭିକ୍ଟର ହ୍ୟୁଗୋଙ୍କ Hunch Back of Rotten Dam, ରୋମାରୋଲାଙ୍କ John Christopher ଏବଂ ରାମକୃଷ୍ଣ ପରମହଂସ ଓ ସ୍ୱାମୀ ବିବେକାନନ୍ଦଙ୍କ ବାଣୀ ଓ କୃତିସମୂହ



Scanned by CamScanner

ତାଙ୍କ ଜୀବନକୁ ଗଭୀର ଭାବରେ ପ୍ରଭାବିତ କରିଛି । ପୁଣି ଶରତଚନ୍ଦ୍ରଙ୍କ ଉପନ୍ୟାସମାଳା ଦେବଦାସ, ଗୃହଦାହ, ଚରିତ୍ରହୀନ, ବିନ୍ଦୁର ଛେଲେ, ରବୀନ୍ଦ୍ରନାଥ ଟେଗୋରଙ୍କ କାବ୍ୟକବିତା, ଗୀତାଞ୍ଜଳି, ଉପନ୍ୟାସ ଓ ଗଳ୍ପମାଳା ଏବଂ ତାରାଶଙ୍କର ବନ୍ଦୋପାଧ୍ୟାୟଙ୍କ ରାଜକମଲର ଆଦି କବି ବୈକୁଣ୍ଠନାଥଙ୍କ ଚିନ୍ତା ଓ ଚେତନାରେ ଗଭୀର ଆଲୋଡ଼ନ ସୃଷ୍ଟି କରିଥିଲା ।

କବି ବୈକୁଣ୍ଠନାଥ ପଟ୍ଟନାୟକଙ୍କ ଜନ୍ମ ହୋଇଥିଲା କଟକ ଜିଲ୍ଲାର ବଡ଼ମ୍ବାଗଡ଼ଠାରେ । ବଡ଼ମ୍ବାର ବଣପାହାଡ଼ ଘେରା ପ୍ରାକୃତିକ ପରିବେଶ ତାଙ୍କର ଶୈଶବ ଓ କୈଶୋର କାଳକୁ ଆଛନ୍ନ କରି ରଖିଥିଲା । ପ୍ରକୃତି କୋଳରେ ବଢ଼ି ପ୍ରକୃତିର ଅପୂର୍ବ ରାଶି ରାଶି ସୁଷମା ତାଙ୍କ ପ୍ରାଣକୁ ଉଲ୍ଲସିତ ଓ ଉଦ୍‌ବେଳିତ କରିଥିଲା ଗଭୀର ଭାବରେ । ବଡ଼ମ୍ବାଗଡ଼ର ପ୍ରାକୃତିକ ଶୋଭା ଓ ସାଂସ୍କୃତିକ ପରିବେଶ କବିଙ୍କ ତରୁଣ ପ୍ରାଣରେ ସୃଷ୍ଟି କରିଥିଲା ଗଭୀର ଆବେଗ । ତାଙ୍କ ହୃଦୟର ଗଭୀର ଆବେଗ ଓ ନିବିଡ଼ ପ୍ରେମରୁ ସୃଷ୍ଟି ହେଲା ରୋମାଣ୍ଟିକ୍ ଭାବଧର୍ମୀ କବିତା ।

ଗନ୍ଧ ଯେସନେ ମଳୟ ସମୀରେ ମିଶେ /
ତଟିନୀ ଯେସନେ ସାଗରକୁ ଯାଏ ବହି,
ଯେସନେ ଜ୍ୟୋଛନା ଶ୍ୟାମ ପ୍ରାନ୍ତରେ ମିଶେ /
ତୁମରି ପରାଣେ ମିଶିଯିବ ଆଜି ସହି ।

କବି ବୈକୁଣ୍ଠନାଥଙ୍କ ତାରୁଣ୍ୟର ଉଚ୍ଛଳ ତରଙ୍ଗକୁ ଖୁବ୍ ଚମତ୍କାର ଭାବରେ ଉପସ୍ଥାପନ କରିଛନ୍ତି ଓଡ଼ିଶାର ପ୍ରଖ୍ୟାତ ସମାଲୋଚକ ଶ୍ରୀ ନିତ୍ୟାନନ୍ଦ ଶତପଥୀ ।

ବୈକୁଣ୍ଠନାଥଙ୍କ ୧୯୨୩-୩୦ ସମୟର ରଚନାମାନଙ୍କରେ ରୋମାଣ୍ଟିକ୍ ଚେତନା ବେଶ୍ ପରିପୁଷ୍ଟ । ଏହି ପର୍ଯ୍ୟାୟରେ କବିତାମାନଙ୍କ ମଧ୍ୟରେ 'ଯୌବନ ପୂଜା' (୧୯୨୩), 'ଚିଲିକାରେ ରାତ୍ରି', 'ନିର୍ଜନ ଉପବନ', 'ପୌଷ ପବନ', 'କବି ପ୍ରେୟସୀ', 'ପୌଷ ସମୀରଣ', 'ଶାରଦ ସ୍ୱର୍ଣ୍ଣ', 'ପ୍ରୀତି ଆବାହନ', 'ବର୍ଷା ସଂଗୀତ', 'ପ୍ରଣୟୀର ସ୍ୱପ୍ନ', 'ଗୋପବାଳାର ଅନୁଭୂତି', 'ରାଜଜେମା' ଉଲ୍ଲେଖଯୋଗ୍ୟ । ସବୁ ରୋମାଣ୍ଟିକ୍ କବିତା ପରି ଏ ସବୁରେ ତଟିନୀ, କୁସୁମ ରାଶି, ଚୁମ୍ବନ, ସ୍ୱପ୍ନ, ଚନ୍ଦ୍ର କିରଣ, ଗୋଲାପୀ ଅଞ୍ଚଳ, ମଳୟ ପରଶ, ପ୍ରଣୟ ପସରା, ମୋହିନୀ ମନ୍ତ୍ର, ହାସ୍ନା ହେନାର ଗନ୍ଧ, ପଲ୍ଲୀବାଳା, ହଂସଗୀତି, କଳସୀ, ମଲ୍ଲୀମାଳା, କରକଙ୍କଣ ଆଦିର ସ୍ମୃତି ଭରି ରହିଛି । ପ୍ରେୟସୀ ପୁଣି ଗନ୍ଧ କୁସୁମ ମୃଷ୍ଟି, ଉଷାର ସ୍ନିଗ୍ଧ ଦୃଷ୍ଟି, କବିତାର ଛନ୍ଦ, ସଂଧ୍ୟାତାରା, ମଳୟ ମଦିର ଧାରା, ମଧୁ, ବସନ୍ତ ଚୁମ୍ବନ, ତୃଷିତ ନୟନ ନନ୍ଦନ - ଏହିପରି ବହୁ ରୋମାଣ୍ଟିକ୍ ପରିକଳ୍ପନା ଭିତରେ ରୂପାୟିତ କରାଯାଇଛି । ଏହି ପ୍ରଣୟ ଓ ପ୍ରେୟସୀର ଚିନ୍ତା ଭିତରେ କବି ପଳାୟନ କରିଛନ୍ତି ଏକ ଅଦର୍ଶିତ ସ୍ୱପ୍ନବଳୟ ଭିତରକୁ । ନିକଟକୁ ଅବହେଳା କରି ଏକ ସୁଦୂରର ଆକର୍ଷଣରେ ସେମାନେ ପ୍ରଧାବିତ ହୋଇଛନ୍ତି ଏବଂ ଅପରିଚିତ ଓ ଅଜ୍ଞାତର ମୋହରେ ସେମାନେ ଆତ୍ମହରା ହୋଇ କେଉଁ ଏକ କାଳ୍ପନିକ ଜଗତର କବିତା ଗାନ କରିଛନ୍ତି । ବୈକୁଣ୍ଠନାଥ ପଟ୍ଟନାୟକଙ୍କ କବିତାରେ ଏହି ନିକଟକୁ ପ୍ରତ୍ୟାଖ୍ୟାନ ଓ ସୁଦୂରର ଆକର୍ଷଣର ଚିତ୍ର ପର୍ଯ୍ୟାପ୍ତ -

"ମୁଁ ଗୋ ଫୁଲ ଉପବନେ ଭ୍ରମର/
ମୁଁ ଗୋ ପରାଗର ରାଗେ ଅମର
ତୁଟାଇ ଦିଅ ମୋ ବନ୍ଧନ/
ଡାକେ ମୋତେ ଦୂର ଅମରାବତୀର ନନ୍ଦନ ।"

'ପ୍ରଣୟୀର ସ୍ୱପ୍ନ'ରେ ମଧ୍ୟ ସେହି ଅନୁରାଗ ବାଣୀ ଉଚ୍ଚାରିତ ।

"ଯହିଁ ସଂଧ୍ୟା ସ୍ନିଗ୍ଧ ଅଳସ ନୟନେ ଚାହେଁ /
ଯହିଁ ମଳୟ ଅସୀମ ପ୍ରଣୟର ଗୀତ ଗାଏ
ଯହିଁ ନିତ୍ୟ ନବୀନ ଯୌବନ ବୀଣା ବାଏ /
ସେ ଦେଶେ ଯିବି ମୁଁ ସେ ଦେଶେ ଯିବି ।"

ଏ ପୃଥିବୀରୁ ଭିନ୍ନ ଏକ ପୃଥିବୀକୁ, କଳ୍ପନାର ସେ ଏକ ଅତିନ୍ଦ୍ରିୟ ଜଗତକୁ ପଳାୟନ ପାଇଁ ବ୍ୟଗ୍ର ହୋଇ ଉଠିଛନ୍ତି କାବ୍ୟନାୟକ । ପୃଥିବୀପୃଷ୍ଠର ଅଳୀକ ସୁଖ ପରିତ୍ୟାଗ କରି ଏକ ଶାଶ୍ୱତ, ଅସୀମ ଆଡ଼କୁ ଆକର୍ଷିତ ହୋଇଛି ତାଙ୍କ କାବ୍ୟ ଚେତନା । ସବୁଜ ଯୁଗର ଅନ୍ୟତମ ରୋମାଣ୍ଟିକ୍ ସ୍ୱପ୍ନବିଳାସୀ କବି ଅନ୍ନଦାଶଙ୍କର ଯେଭଳି ଏଇ ବାସ୍ତବଜୀବନଠାରୁ ପଳାୟନ କରି ଏକ ଅମରାବତୀର ସ୍ୱପ୍ନରେ ବିହ୍ୱଳ ହୋଇ ଗାଇ ଉଠିଥିଲେ -

"ଯିବି ପଳାଇ ଦୂରେ ସୁଦୂରେ / ସପନଲୋକେ ଗୋପନ ପୁରେ
ଗ୍ରହ ତାରକା ଏଡ଼ାଇ
ଯୌବନର ଝରଣା କୂଳେ / ମଳୟ ଯହିଁ ନିୟତ ବୁଲେ
କୁସୁମ କେତୁ ଉଡ଼ାଇ ।" (ସୃଜନସ୍ୱପ୍ନ)

ଏଭଳି ଏକ ସୃଜନ ସ୍ୱପ୍ନରେ ବିଭୋର ଥିବା କବିଙ୍କ ଯେଭଳି ସ୍ୱପ୍ନଭଙ୍ଗ ହୋଇଥିଲା, ନିରାଶ ଓ କାତର ପ୍ରାଣରେ ସେ କହିଲେ - ଯଉବନ ଥରେ ଗଲେ ଆସେନା, ବୃଥା ବିଧୁର ପରାଣ ପୁରେ ଝୁରେ ବାସନା । ସେଇଭଳି କବି



Scanned by CamScanner

ବୈକୁଣ୍ଠନାଥଙ୍କ ଅନେକ କବିତାର କାବ୍ୟସ୍ୱର ବିଷାଦବାଦୀ ଚେତନାକୁ କେନ୍ଦ୍ର କରି ରଚିତ ହୋଇଛି । ତାଙ୍କ କାବ୍ୟ କବିତାରେ ନିରାଶବାଦୀ, ଦୁଃଖ ଓ ବେଦନାର ଚିତ୍ର ପ୍ରତିବିମ୍ବିତ । ଦୀର୍ଘ ୫୦ ବର୍ଷର କାବ୍ୟସାଧନା ଭିତରେ କବିଙ୍କ ରୋମାଣ୍ଟିକ୍ ଭାବଧର୍ମୀ କବିତା ବିଷାଦବାଦୀ ଚେତନାରେ ହୋଇଛି ରୂପାନ୍ତରିତ । କାବ୍ୟ ସଂଚୟନର ଏକ କବିତା 'ଭାଷା'ରେ ବୈକୁଣ୍ଠ ନାଥଙ୍କ ଅନୁଚିନ୍ତା ଖୁବ୍ ସ୍ପଷ୍ଟ, ସରଳ ଓ ଭାବଗର୍ଭକ ।

"ହତାଶ ମୁଁ ଗୋ ଜୀବନ ସାରା ! ଜନମ ମୋର ବ୍ୟର୍ଥ
ଜୀବନ ଏକ ଅଶ୍ରୁଧାରା, ନ ବୁଝେ କିଛି ଅର୍ଥ ।
× × × × ×
ଭଷା ଖାଲି ରହିଛି ଅଶ୍ରୁଧାର / ହତାଶ ପ୍ରାଣ ଭଗ୍ନ ହାହାକାର
ମଉଳିଗଲା ତୋଳିଲେ ଯେତେ ଗନ୍ଧ ଫୁଲ ସାର
ହାସ୍ନା ହେନା ବକୁଳ ମଲ୍ଲୀ ଚମ୍ପକର ହାର ।"

ଯୌବନର ପୂଜା କରୁଥିବା କବି, ଯୌବନର ସ୍ୱପ୍ନ ବିଭୋର ମସ୍‌ଗୁଲ କବି ପୁଣି ବାସ୍ତବଜୀବନର ଦୁଃଖ ଦୈନ୍ୟ, ଜରାବ୍ୟାଧି ମୃତ୍ୟୁର କରାଳରେ ତାଙ୍କ ପ୍ରାଣ ବ୍ୟଥିତ ଓ ଉଦ୍‌ବେଳିତ ହୋଇଛି ।

ଭକ୍ତକବି ମଧୁସୂଦନଙ୍କ କବିତାରେ ଯେଉଁଳି ଜୀବନର ସକଳ ଦୁଃଖ, କ୍ଳେଶ, ହର୍ଷ-ବିଷାଦ ମଧ୍ୟରେ ଜୀବନର ଆଶାବାଦର ଚିତ୍ର ବଳିଷ୍ଠ ଭାବରେ ରୂପାୟିତ ହୋଇଛି ଏଇ କବିତାରେ -
"ରେ ଆମ୍ଭନ୍ ! ନିଦ୍ରା ପରିହରି / ଫେଡ଼ି ଚିତ୍ତର ଲୋଚନ କର କର ନିରୀକ୍ଷଣ / ନିଃଶବ୍ଦେ ଜୀବନସ୍ରୋତ ଧାଉଁଛି କିପରି ଭେଟିବାକୁ ସିନ୍ଧୁ କରାଳ ଲହରୀ ।"

ଏ ଜୀବନ ଦିନେ ହୁଏତ ତିମିରାଚ୍ଛନ୍ନ ହେବ, ହୁଏତ ଏ ଜୀବନ ଦିନେ ନିର୍ବାପିତ ହେବ । ଜୀବନ ହୁଏତ ହୋଇପାରେ କେତେ ଦୁଃଖ, କ୍ଳେଶ, ଅଭାବ ଅନଟନର ଅପୂର୍ବ ସମାହାର । ମାତ୍ର ତଥାପି କବି ପ୍ରାଣରେ ଯେମିତି ଦୁଃଖ ନାହିଁ, କ୍ଳେଶ ନାହିଁ, ମୃତ୍ୟୁର ଅଟ୍ଟହାସ୍ୟ ନାହିଁ । ସତେ ଯେପରି ଏ ସବୁ ସତ୍ତ୍ୱେ କ୍ଷଣକର ପ୍ରୀତିପୂର୍ଣ୍ଣ ଅନୁଭବରେ ପ୍ରାଣ ପୁଲକିତ ଓ ଉଲ୍ଲସିତ । ଆଶା, ପ୍ରେମ ଓ ଆନନ୍ଦର ଉଜ୍ଜ୍ୱଳ ଆଲୋକରେ ଦୀପ୍ତିମନ୍ତ କବିଙ୍କ ମନ ଓ ପ୍ରାଣ । କବି ବୈକୁଣ୍ଠନାଥଙ୍କ ବିଷାଦବାଦୀ ଚେତନାର କାବ୍ୟିକ ପରିପ୍ରକାଶ କେତେ ସ୍ପଷ୍ଟ ଦେଖନ୍ତୁ ଏଇ କବିତାରେ -

"ଜୀବନର ଦୀପ ନିଭଇ ଧରା ତିମିର କରେ ଗ୍ରାସ
ପରାଣ ଘେରି ବାଦଲ ଖରେ ମୃତ୍ୟୁ ଅଟ୍ଟହାସ
ଅତର ଦେବତା ଆହେ ପ୍ରଦୀପ ନାହି ଜଳେ
ତୁମରି ଚିର ବିଜୟବାନା ଧରିବୁ କାହା ବଳେ ?
(ମୁକ୍ତି ସଙ୍ଗୀତ)
× × × × ×
ଭୁଲ୍ ଭୁଲ୍ ସବୁ ସଂଶୟ ଦୁଃଖ ଆନନ୍ଦ ନିଅ ବରି
କ୍ଷଣକର ପ୍ରୀତି ପୁଲକେ ନିଅ ଗୋ, ଜୀବନ ଅମର କରି ।"
(ଦୋଳପୂର୍ଣ୍ଣିମା)

କବି ମଧୁସୂଦନଙ୍କ ପରି ବୈକୁଣ୍ଠନାଥ ପଟ୍ଟନାୟକଙ୍କ କବିଚେତନା ବିଷାଦବାଦୀ ଭାବ ଚେତନାର ବଳୟରୁ କ୍ରମଶଃ ଅପସରି ଯାଇ କ୍ରମେ ଏକ ଅବ୍ୟକ୍ତ, ରହସ୍ୟଭାବ ଜଗତ ଆଡ଼କୁ ଅଗ୍ରସର ହୋଇଛି । ସବୁ ସମୟରେ ସବୁ କାଳରେ ଅନେକ କବିଙ୍କ ଏ ସୃଷ୍ଟିର ରହସ୍ୟ, ଜୀବନର ଅର୍ଥ, ମଣିଷ ସହିତ ଈଶ୍ୱରଙ୍କ ରହସ୍ୟମୟ ସଂପର୍କ, ଇହଲୋକ ପରଲୋକ ଆଦି ସଂପର୍କରେ ବହୁ ଚିନ୍ତାଧାରା ପ୍ରକାଶିତ ହୋଇଛି । ମାତ୍ର କେହି ସୁଦ୍ଧା ଏ ରହସ୍ୟକୁ ଆଜି ପର୍ଯ୍ୟନ୍ତ ସଂପୂର୍ଣ୍ଣ ଭେଦ କରିପାରିନାହାନ୍ତି । ଅଲୌକିକ ଅତୀନ୍ଦ୍ରିୟ ଉପଲବ୍ଧିରୁ ଏ ରହସ୍ୟବାଦୀ ଚିନ୍ତାଧାରାର ସୃଷ୍ଟି ସମ୍ଭବ ହୋଇପାରିଛି ।

କବି ବୈକୁଣ୍ଠନାଥ ପଟ୍ଟନାୟକଙ୍କ ସମୟର ଅନ୍ୟ ଏକ ପ୍ରଖ୍ୟାତ କବି କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ 'ଜୀବନ ସଂଗୀତ' କବିତାଟି ଯେଉଁଳି ରହସ୍ୟବାଦୀ ଚିନ୍ତାଧାରାରେ ଆପ୍ଳୁତ, ସେହିଭଳି କବିଙ୍କ 'ଯାତ୍ରାସଂଗୀତ'ଟି ଈଶ୍ୱରୀୟ ଭାବଚେତନା ଓ ରହସ୍ୟବାଦୀ ଭାବଧାରରେ ପରିପୁଷ୍ଟ । ଈଶ୍ୱରୀୟ ଅନୁଚିନ୍ତାରେ ଉଦ୍‌ବେଳିତ କବିଙ୍କ ପ୍ରାଣ । ତେଣୁ ପରମାର୍ଥ ଚିନ୍ତା, ଭକ୍ତି ଭାବନା, ଜୀବନ ଦର୍ଶନର ଅପୂର୍ବ ଚିତ୍ର ତାଙ୍କ କବିତାରେ ରୂପାୟିତ ।

ଜୀବନପାତ୍ର ମୋ ଭରିଛ କେତେ ମତେ /
ନ ଦେଲ କିଛି ବୋଲି କହିବି କି ହେ ଆଉ,
ଜୀବନ ପ୍ରିୟତମ ହରିଛ ମୋ ଭରମ /
ତରଣୀ ମୋର ତବ ସାଗରେ ବହିଯାଉ,
କୂଳର ଜନପ୍ରାଣୀ କେତେ ମିଳାଅ ଆଣି /
ନୟନ ପଲକରେ ଲୁଚାଅ ଜାଣି ଜାଣି
ବୃଥା ମୁଁ ଅଭିମାନୀ ହୃଦେ ଧରଇ ଟାଣି /
ମରତ ପ୍ରବାସୀ ମୁଁ ନ ଜାଣି ଆଣେ ଦାଉ ।

ଈଶ୍ୱରଙ୍କ ସୃଷ୍ଟି ଅମୃତ ସୃଷ୍ଟି । ସୃଷ୍ଟି ଶାଶ୍ୱତ ଓ ସୁନ୍ଦର । ଏ ଅପୂର୍ବ ସୃଷ୍ଟିରେ ପରମ ଈଶ୍ୱର ହୁଏତ ଜୀବନକୁ ନାନା ଭାବରେ ପୂର୍ଣ୍ଣ କରିଛନ୍ତି । ଜୀବନ ପାତ୍ରକୁ ଅପୂର୍ବ ଶୋଭା,



Scanned by CamScanner

ସ୍ତ୍ରୀ ସୌନ୍ଦର୍ଯ୍ୟରେ ବିମଣ୍ଡିତ କରିଥିବା ସ୍ଥଳେ ତାଙ୍କ ପ୍ରତି ଅଭିଯୋଗ ଆଣିବା ଭିତ୍ତିହୀନ ଏବଂ ଜୀବନର ପ୍ରିୟତମ ଈଶ୍ୱର ଆପଣାର ଜୀବନର ଭ୍ରମାତ୍ମକ ଭାବନାକୁ ପରିହାର କରି ନାନା ଭାବରେ ପରିପୂର୍ଣ୍ଣ କରିଥିବା ବେଳେ ତାଙ୍କ ପ୍ରତି କାବ୍ୟନାୟକଙ୍କ ହୃଦୟ ଅଲୌକିକ ଶ୍ରଦ୍ଧା ଓ ଭକ୍ତିରେ ପୁଲକିତ ହୋଇଉଠୁଛି । ଗୋଟିଏ ମୁହୂର୍ତ୍ତରେ କେତେ କେତେ ଜନପ୍ରାଣୀଙ୍କ ଅପୂର୍ବ ମିଳନ ସମ୍ଭବ ହେଉଥିବା ବେଳେ, ପର ମୁହୂର୍ତ୍ତରେ କେତେ ଯେ ଜୀବନଦୀପ ନିର୍ବାପିତ ହୁଏ ତାର କଳନା କେହି କରିପାରେନା । ଜଣେ ମର୍ତ୍ତ୍ୟର ଅଧିବାସୀ ଭାବରେ ଈଶ୍ୱରଙ୍କ ଅପୂର୍ବ ଲୀଳା ଓ ମହିମାକୁ ବୁଝି ନ ପାରି ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଅଭିଯୋଗ ଆଣିବା ବୃଥା ଅଭିମାନର ଏକ ଦୃଷ୍ଟାନ୍ତ ବୋଲି ସେ ଅନୁଭବ କରିଛନ୍ତି । କବି ଶୁଣିପାରିଛନ୍ତି ଈଶ୍ୱରଙ୍କ ଆଗମନୀ ବାର୍ତ୍ତା ।

କାବ୍ୟନାୟକ ପ୍ରାଣ ଏକ ଅପୂର୍ବ ମଧୁର ଧ୍ୱନିରେ ଛନ୍ଦାୟିତ । ଆଧ୍ୟାତ୍ମିକ ଅନୁଭୂତିରେ ଉପାଣିତ କବିପ୍ରାଣ ଜୀବନର ଅଳପ କ୍ଷୁଧା ତୃଷାକୁ ପରିହାର କରି ଏକ ଅଲୌକିକ ଅତୀନ୍ଦ୍ରିୟ ଜଗତକୁ ଯିବା ପାଇଁ ବ୍ୟାକୁଳ ହୋଇଉଠିଛି । ତାଙ୍କର ଆଧ୍ୟାତ୍ମିକ ଭାବନା ଅନ୍ତର୍ମୁଖୀ । ତେଣୁ ସେ ସଂସାରର ଅଳୀକତା, ଅଜ୍ଞାନ, ତିମିରାଚ୍ଛନ୍ନ ଜୀବନକୁ ପରିତ୍ୟାଗ କରି ଜୀବନର ଅମୃତୋପଲବ୍ଧି କାମନା କରିଛନ୍ତି -

ମାନସ ହଂସ ମୁଁ ମାନସେ ଯିବି ଉଡ଼ି /
ମୋ ହୋଷେ ପଥ ହୁଡ଼ି ଭରମେ ଅବିରତ
ଅଳପ ତୃଷା କ୍ଷୁଧା ଲଭି ତୁମରି ସୁଧା /
ତୃପତ ହେଲା ତେବେ ଲୋଡ଼େ ଏ ମରତ ।

ଆଧୁନିକ କବିତାର ଯେଉଁ ମର୍ମବାଣୀ ତାହା 'ଯାତ୍ରା ସଂଗୀତ'ରେ ପ୍ରତୀକିତ । ଆଧୁନିକ ମଣିଷର ସଂବେଦନଶୀଳ ଆଚରଣକୁ ଆଧୁନିକ କବି ନାନା ସଂକେତରେ ଲେଖିଛନ୍ତି ଓ ଲେଖୁଛି, ଯେଉଁଥିପାଇଁ ଆଧୁନିକ କବିତା ଉଲ୍ଲେଖଯୋଗ୍ୟ ଭାବେ ତାର ବିଷୟବସ୍ତୁ ଓ ଭାବ ଆବେଦନରେ ଅଧିକ ଅନ୍ତର୍ମୁଖୀ ହୋଇଛି । ଆଗ ଶୀଳ ବା ସ୍ୱଭାବ, ପରେ ଶୈଳୀ ଓ ଶିଳ୍ପ । ଆଧୁନିକ ମଣିଷ ଯେଉଁ ଭାବରେ ଓ ଯେତିକି ତା'ର ଜୀବନଚର୍ଯ୍ୟା କ୍ଷେତ୍ରରେ ଆସକ୍ତ ବା ଅନାସକ୍ତ, ଆଧୁନିକ କବି ଜୀବନ ବିଷୟରେ ସେହି ଭାବରେ ଆସକ୍ତ ଓ ଅନାସକ୍ତ ।

"ଆଧୁନିକ କବିତାରେ ଜୀବନ ଖଣ୍ଡିତ ନୁହେଁ, ସ୍ଥୂଳ ନୁହେଁ, ଏକ ପରମାର୍ଥିକ ଜୀବନ ପ୍ରତି ଆନ୍ତରିକତାପୂର୍ଣ୍ଣ ଉନ୍ମୁଖତା ତାଙ୍କୁ ଜୀବନରେ ଏକ ବିଚ୍ଛିନ୍ନତାବୋଧ ଆଣିଦେଇଛି । ଏ ବିଚ୍ଛିନ୍ନତା ସାମାଜିକ ଜୀବନ ପରିଚର୍ଯ୍ୟା କ୍ଷେତ୍ରରେ ବାଧା ଓ ଅସଂଲଗ୍ନତା ସୃଷ୍ଟି କରିନି । ଜୀବନର ସୂକ୍ଷ୍ମତର ଅନୁଭବ ପ୍ରତି ସେ ଅଧିକ ବ୍ୟାକୁଳ ଓ ବଶମ୍ବଦ । ସେଥିପାଇଁ କବିର କବିତାରେ ଜୀବନର ସ୍ଥୂଳ ଅନୁଭବ ପ୍ରତିବିମୁଖତା ଓ ଅନ୍ୟ ପକ୍ଷରେ ଏକ ପ୍ରଚଣ୍ଡ ଆଧ୍ୟାତ୍ମିକ ବିଚ୍ଛିନ୍ନତା (Spiritual Alienation) ଅଧିକ ପରିଲକ୍ଷିତ । ସଂଚିବାର ସ୍ଥୂଳ ଜୀବନ ପରିଚର୍ଯ୍ୟା ଅପେକ୍ଷା ସାର ଓ ଶାଶ୍ୱତ ପ୍ରତି ପ୍ରାଣର ସୂକ୍ଷ୍ମତର ଉନ୍ମୁଖତା ଓ ଶୂନ୍ୟତା ପ୍ରତି ସାତ୍ତ୍ୱିକ ଓ ଦିବ୍ୟଦୃଷ୍ଟି କବିଙ୍କୁ ବିଶେଷ ବିରଳ ମୁହୂର୍ତ୍ତରେ ଅନୁଭବ ଆଣିଦେଇଛି ।" (ସୃଜନ ଗୌରବ)

କାବ୍ୟନାୟକଙ୍କ ପ୍ରାଣ ଅନନ୍ତ ଐଶ୍ୟ ଚେତନା ଆଡ଼କୁ ଆକୃଷ୍ଟ ହୋଇଛି । ସଂସାରର ସକଳ କାମନା ବାସନା ପ୍ରତି ବିତସ୍ପୃହ ତାଙ୍କର ପ୍ରାଣ ଅଜ୍ଞାନ ଅନ୍ଧକାରରୁ ନିଜକୁ ମୁକୁଳାଇ ଅମୃତ ଆଶାୟୀ ହୋଇଉଠିଛି । ସେଥିପାଇଁ ସେ ଉଲ୍ଲସିତ ପ୍ରାଣରେ ଗାଇ ଉଠିଛନ୍ତି -

"ଛାଡ଼ିବି ଦୂରେ ଯିବି ପାରାବାରେ ଭାସିବି /
ଲଂଘି ହିମଗିରି ଯିବି ଗୋ ବେଳ ଥାଉଁ
ଦେଇଛ ପ୍ରିୟ ପ୍ରାଣେ ଅମର ପ୍ରୀତିଭରି /
ମୋ ଶିଶୁ କ୍ରନ୍ଦନେ ଅମର ମୋର ଆଶା,
ପ୍ରଭାତ ସଂଧ୍ୟାରେ ଖେଳାଇ ରୂପ ଢେଉ /
ବିକଳେ କଣ୍ଠେ ମୋ ଫୁଟାଇଛ ତ ଭାଷା
ଗାଇବି ବନ୍ଦୀ ମୁଁ ଚରଣ ବନ୍ଦନା /
ସେ ଲାଗି ଏ ବୀଣାରେ ଦେଇଛ ମୂର୍ଚ୍ଛନା"

କାବ୍ୟ ନାୟକ ବିଭୂଚେତନା ପ୍ରତି ଆକୃଷ୍ଟ ହୋଇ ଜୀବନ ଦୀପ ନିର୍ବାପିତ ହେବା ପୂର୍ବରୁ ଈଶ୍ୱରଙ୍କ ଚରଣ ବନ୍ଦନା କରିବା ପାଇଁ ସଚେତନ ହୋଇ ଉଠିଛନ୍ତି । ଶିଶୁର କ୍ରନ୍ଦନରେ ଓ ପ୍ରିୟାପ୍ରାଣରେ ଅମର ପ୍ରୀତି ଭରି ଦେଇଥିଲେ ସୁଦ୍ଧା ସଂଜ ସକାଳେ ପାର୍ଥିବ ଜୀବନରେ ମାୟାର ଅପୂର୍ବ ରୂପଲୀଳା ସଂଘଟିତ କରିଥିଲେ ସୁଦ୍ଧା ଈଶ୍ୱରଙ୍କ ବନ୍ଦନା ଗାଇବା ପାଇଁ ହୃଦୟର ତନ୍ତ୍ରୀରେ ସୃଷ୍ଟି କରିଛ ଅପୂର୍ବ ମୂର୍ଚ୍ଛନା । ତେଣୁ କୌଣସି ଆବେଗରେ, ଭାବପ୍ରବଣତାରେ ନ ମାତି, ଐଶୀଚେତନା ସହ ନିଜ ଚେତନାକୁ ମିଶାଇଦେବାକୁ ଅବା ପରମାତ୍ମା ସହ ନିଜ ଆତ୍ମାର ମିଳନ ଚାହିଁଛନ୍ତି କାବ୍ୟନାୟକ ଅପୂର୍ବ ରୀତିରେ ।

"ପଉଷ ତରୁ ମୁଁ ଗୋ ପଳିତ ମୋ ପତର /
ନିରାଶ ପରଶରେ ଝରିଛି ଅକାଳରେ



Scanned by CamScanner

ନାହିଁ ତ ତେବେ ତିଳେ ଶୋଚନା ଖେଦ ମୋର /
ହୃଦୟମଣି ମୋର ସାଗର ଅତଳରେ ।"

କବିଙ୍କର ଏ ପ୍ରକାର ବର୍ଣ୍ଣନା ସେକ୍ସପିୟରଙ୍କ ବାର୍ଦ୍ଧକ୍ୟ ବର୍ଣ୍ଣନା ସହ ସମତୁଲତା ରକ୍ଷା କରେ । ସେକ୍ସପିୟରଙ୍କ ଭାଷାରେ -

"That time of year that mayst in me behold
When yellow leaves, or none, or few do hang
Upon those boughs whick shake against the cold
Bair ruined choirs, where late the sweet birds song!"

ବାର୍ଦ୍ଧକ୍ୟର ସମସ୍ତ ଦୁଃଖ ଯନ୍ତ୍ରଣା ସତ୍ତ୍ୱେ କବି ସତ୍ତା ଆତ୍ମ ଚେତନା ହରାଇନାହିଁ । କବିଙ୍କ ପ୍ରାଣ କୁଞ୍ଜରେ, ପରାଲୌକିକ ସତ୍ତାରେ ଅଦୃଶ୍ୟ ବଂଶୀଧ୍ୱନୀ ବାଜି ଉଠିଛି । କବିଙ୍କ ପ୍ରାଣ ବୀଣାରେ ଆଜି ନୂତନ ଆଗମନର ଛନ୍ଦ ପ୍ରତିଧ୍ୱନିତ ।

"ପରାଣ କୁଞ୍ଜେ ଗୋ ତା' ମୁରଲୀ ଧ୍ୱନି /
ପରାଣ ପବନେ ଗୋ ତା ଶୁଭ ଆଗମନୀ ।"

କବି ତାଙ୍କ ପରାଣ କୁଞ୍ଜରେ ସେପରି କାହାର ସୁଲଳିତ ମଧୁର ମୁରଲୀ ଧ୍ୱନି ଶୁଣି ଆତ୍ମବିହ୍ୱଳ ହୋଇଛନ୍ତି । ସେହିଭଳି ବିଶ୍ୱକବି ରବୀନ୍ଦ୍ର ନାଥଙ୍କ ଅମର କାବ୍ୟ କୃତ୍ୟ 'ଗୀତାଞ୍ଜଳି'ରେ ମଧ କାହାର ଆଗମନୀ ବାର୍ତ୍ତା ଶୁଣି ଅଭିଭୂତ ହୋଇଛନ୍ତି କବି ।

ତୋରା ଶୁନିସ୍‌ନିକି ଶୁନିସ୍‌ନିକି ତା'ର ପାୟେର ଧ୍ୱନି /
ଏ ଯେ ଆସେ ଆସେ ଆସେ ।

ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟରେ ଜଣେ ରହସ୍ୟବାଦୀ ଚେତନାର କବି ଭାବରେ ବୈକୁଣ୍ଠନାଥ ପଟ୍ଟନାୟକ ସୁପରିଚିତ ଓ ସୁପ୍ରତିଷ୍ଠିତ । ତାଙ୍କର ବହୁକବିତାରେ ବିଷାଦବାଦ ଓ ନୈରାଶ୍ୟଭାବ ପ୍ରତିଫଳିତ । ଜୀବନ ପ୍ରତି କବିଙ୍କ ଦୃଷ୍ଟିଭଙ୍ଗୀ, ଭାବପ୍ରବଣତା, ରୋମାଣ୍ଟିକ୍ ଭାବନା ଓ ବିଷାଦବୋଧ ଦ୍ୱାରା ନିୟନ୍ତ୍ରିତ । ବ୍ୟଥା ଓ ବେଦନାବୋଧରୁ ଆନନ୍ଦପ୍ରାପ୍ତ ହେବା ପ୍ରାଚ୍ୟ ପାଶ୍ଚାତ୍ୟ ବହୁ ରୋମାଣ୍ଟିକ୍ କବିଙ୍କ କାବ୍ୟକୃତିରେ ପରିଲକ୍ଷିତ ହୋଇଥାଏ । P. B. Shellyଙ୍କ To a Skylarkର ଅମର ପଦ ପଂକ୍ତି -

Our sweetest songs are those
that tale of saddest thoughts.

ପ୍ରଣୟଜନିତ ବ୍ୟଥା ବେଦନା, ଅଲୌକିକ ଅତୀନ୍ଦ୍ରିୟ ଜଗତ ପ୍ରତି ଗଭୀର ଆକର୍ଷଣ, ମୃତ୍ୟୁ ସଚେତନତା କବି ବୈକୁଣ୍ଠନାଥଙ୍କ ପ୍ରାଣସତ୍ତାକୁ ଗଭୀର ଭାବରେ ଆଚ୍ଛନ୍ନ କରି ରଖିଛି । ସେଥିପାଇଁ ତାଙ୍କର କାବ୍ୟକବିତାର ସ୍ୱର ଏକ ବିଷାଦିତ ମଧୁର ମୂର୍ଚ୍ଛନାରେ ଅନୁରଣିତ । ତାଙ୍କ ଅଧିକାଂଶ କବିତାରେ ରୋମାଣ୍ଟିକ୍ ଭାବଚେତନା ସହ ବିଷାଦର ମଧୁରରାଗିଣୀ ସ୍ପଷ୍ଟ ଓ ପରିଚ୍ଛନ୍ନ ଭାବରେ ପ୍ରକାଶିତ ହୋଇ ପାଠକୀୟ ଆଦୃତି ଲାଭ କରିଛି ।

ସବୁଜ ସାହିତ୍ୟର ଅନ୍ୟତମ କର୍ଣ୍ଣଧାର କବି ବୈକୁଣ୍ଠନାଥ ବଙ୍ଗଳାର ବିଶ୍ୱକବି ରବୀନ୍ଦ୍ର ନାଥ ଓ କବି ନଜରୁଲଙ୍କ କାବ୍ୟକୃତି ଦ୍ୱାରା ଅନୁପ୍ରାଣିତ ହୋଇଥିଲେ ମଧ ଗୀତିଧର୍ମୀ ଓ ଛନ୍ଦୋବଦ୍ଧ କବିତା ରଚନା କରିବାରେ ସେ ଥିଲେ ଜଣେ ଅପୂର୍ବ କାବ୍ୟଶିଳ୍ପୀ । କବିତାରେ ଉଚ୍ଛ୍ୱସିତ ପ୍ରାଣ ପ୍ରକାଶ ଓ ଅପୂର୍ବ ଛନ୍ଦ ବିନ୍ୟାସ ଯୋଗୁଁ କବି ବୈକୁଣ୍ଠନାଥ ଆମ ହୃଦୟରେ ସ୍ୱତନ୍ତ୍ର ଆସନଟିଏ ଦାବି କରନ୍ତି । ତାଙ୍କର କାବ୍ୟଧାରା ଓ କାବ୍ୟଶୈଳୀ (Poetic Form) ପାଇଁ ଓଡ଼ିଆ ସାହିତ୍ୟରେ ଏକ ଉଜ୍ଜ୍ୱଳ ନକ୍ଷତ୍ର ଭାବେ ପ୍ରତିଭାତ ହେବେ, ଏଥିରେ ହୁଏତ କେହି ଦ୍ୱିମତ ହେବେ ନାହିଁ ।

## ସହାୟକ ଗ୍ରନ୍ଥସୂଚୀ

୧) ଶତପଥୀ ନିତ୍ୟାନନ୍ଦ - ସବୁଜରୁ ସାଂପ୍ରତିକ, ଗ୍ରନ୍ଥମନ୍ଦିର, ବିନୋଦ ବିହାରୀ, କଟକ-୨, ୩ୟ ସଂସ୍କରଣ, ୧୯୯୪ ।

୨) କୁଅଁର ଶ୍ରୀ ଦୁର୍ଗାଚରଣ - କବି ବୈକୁଣ୍ଠନାଥ ପଟ୍ଟନାୟକ, ଓଡ଼ିଶା ସାହିତ୍ୟ ଏକାଡେମୀ, ସଂସ୍କୃତି ଭବନ, ଭୁବନେଶ୍ୱର-୧୪ ।

୩) ପରିଡ଼ା, ଡଃ ରଂଜିତ କୁମାର - ସବୁଜକାବ୍ୟ ଚେତନା ଓ ବୈକୁଣ୍ଠନାଥ, ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର ।

୪) ବୈକୁଣ୍ଠ ନାଥ ଗ୍ରନ୍ଥାବଳୀ (ସଂପାଦନା), ଗ୍ରନ୍ଥମନ୍ଦିର, ବିନୋଦ ବିହାରୀ, କଟକ-୨ ।

ଏସିଷ୍ଟେଣ୍ଟ ପ୍ରଫେସର
ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତିବିହାର



Scanned by CamScanner